# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 June – 2025

### News Editor : Itishree Singh Rathaur

********************************

## <u>ମୁଖ୍ୟ ସମ୍ବାଦ</u>

- ଭାରତ ଆତଙ୍କବାଦ ବିରୋଧୀ ଲଢ଼େଇରେ ସାରା ବିଶ୍ୱରେ ଅଗ୍ରଣୀ ରହିଛି; କହିଲେ ମୁଖ୍ୟମନ୍ତ୍ରୀ
- ପ୍ରକାଶ ପାଇଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ
- ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଆସନ୍ତାକାଲି ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ; ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

ଏବଂ

- ଚକ୍ଷୁଦାନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି **ବିଶ୍ୱ ଚକ୍ଷୁଦାନ ଦିବସ**

## ୧ ବର୍ଷ ପୂର୍ତ୍ତି-ମୁଖ୍ୟମନ୍ତ୍ରୀ

ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ, ଗତ ୧୩ ବର୍ଷ ମଧ୍ୟରେ ଦେଶର ୨୭ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ବାହାରି ପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତ ଆଜି ସାରା ବିଶ୍ୱରେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସବୁଠୁ ଆଗରେ ରହିଛି। ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ ବରଂ ଦେଶର ସୁରକ୍ଷାର ପ୍ରତୀକ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷଷ୍ଠ ଥର ପାଇଁ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ମାଝୀ କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରାୟ ୨୮ ହଜାର ନିଯୁକ୍ତି ଦିଆଯାଇଛି। ଚଳିତବର୍ଷ ଆହୁରି ୪୦ ହଜାର ନିଯୁକ୍ତି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

**- V/O -(CM)**

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତାକାଲି ବିଜେପି ନେତୃତ୍ୱାଧୀନ ସରକାରର ତୃତୀୟ ପାଳିର ପ୍ରଥମବର୍ଷ ପୂର୍ତ୍ତି ପାଳନ କରାଯିବ। ଏହି ସମୟ ମଧ୍ୟରେ ଦେଶରେ ଅନେକ ଐତିହାସିକ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ଧାରା ୩୭୦ର ଉଚ୍ଛେଦ, ତିନି ତଲାକ୍, ଏକକ ଦ୍ରବ୍ୟ ଓ ସେବା କର, ଜାତୀୟ

ଶିକ୍ଷାନୀତି-୨୦୨୦, ଜନଧନ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସରକାରଙ୍କ ପକ୍ଷରୁ ନିଆଯାଇଛି ।

**- V/O -(CM)**

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ୧ ବର୍ଷର ସଫଳ ଯାତ୍ରା ଉପରେ ସୂଚନା ଦେଇ କହିଛନ୍ତି, ଚାଷୀଙ୍କ କଲ୍ୟାଣ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ବୋନସ୍ ପ୍ରଦାନ, ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା, ମହିଳାଙ୍କ ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନା ଲାଗୁ, ଶ୍ରୀମନ୍ଦିର ପାଇଁ ୫୦୦ କୋଟିର କର୍ପସ ଫଣ୍ଡ ଗଠନ କରାଯାଇଛି । ଏହାସହ ରାଜ୍ୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ସମୃଦ୍ଧ କୃଷି ଯୋଜନାରେ ୩୭ ହଜାର ୮୦୦ କୋଟିର ବଜେଟ୍ ପ୍ରସ୍ତୁତ କରାଯାଇଛି । ଯାହାଦ୍ୱାରା ରାଜ୍ୟର ଅନେକ ଚାଷୀ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**ଓଜେଇଇ**

ରାଜ୍ୟରେ ଆଜି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା  ଓଜେଇଇ-୨୦୨୫ ପରୀକ୍ଷା ଫଳ ଆଜି ସନ୍ଧ୍ୟାରେ ପ୍ରକାଶ ପାଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ପରୀକ୍ଷା ଫଳାଫଳ ଘୋଷଣା ପୁସ୍ତିକା ଉନ୍ମୋଚନ ହୋଇଛି । ୧୭ଟି ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ୫୫ ହଜାର ୩୬୨ ଜଣ ପରୀକ୍ଷାର୍ଥୀଙ୍କୁ ର୍ୟାଙ୍କ୍ ମିଳିଛି । ନର୍ସିଂ ପାଠ୍ୟକ୍ରମର ଫଳାଫଳ ଡିଏମ୍ଇଟି ତରଫରୁ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ।

**ଇନ୍ଦିରା ଗାନ୍ଧୀ**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋରେ ଜୁଲାଇ ୨୦୨୫ ଅଧିବେଶନ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଇଗ୍ନୋ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆସନ୍ତା ଜୁଲାଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ଜାରି ରହିବ। ନାମଲେଖା ପାଇଁ ଛାତ୍ରଛାତ୍ରୀ **www.ignou.ac.in** ରେ ସମସ୍ତ ତଥ୍ୟ ପାଇପାରିବେ।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମୀକ୍ଷା ବୈଠକ କରିଛନ୍ତି।  ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଜିଲ୍ଲାକୁ ଆସିଥିବା ବଜେଟ୍ ଅନୁଦାନକୁ ଠିକ୍ ଭାବରେ ବ୍ୟବହାର ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗଣତନ୍ତ୍ର ପ୍ରକ୍ରିୟାରେ ସମାଜର ଶେଷ ଧାଡିରେ ଥିବା ଲୋକକୁ ସହଯୋଗ ମିଳିପାରିଲେ ୨୦୨୭ ମସିହା ସୁଦ୍ଧା ରାଜ୍ୟ ବହୁ ଅଗ୍ରଗତି ହାସଲ କରିବ ବୋଲି ମନ୍ତ୍ରୀ କହିଛନ୍ତି।  ବସୁନ୍ଧରା ଯୋଜନାରେ ରାଜସ୍ୱ ବିଭାଗ ପକ୍ଷରୁ ୨୨୧ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବୈଠକରେ ଦର୍ଶାଯାଇଥିଲା। ବୈଠକରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ଖଣି ନଥିବା ନୟାଗଡ଼ ଜିଲ୍ଲାରେ ଜଳସମ୍ପଦର ପୁନରୁଦ୍ଧାର ଏବଂ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହେବା ଆବଶ୍ୟକ। ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

## ପିଏମ୍ ଆବାସ କର୍ମଶାଳା

**ନୟାଗଡ଼** ପୌର ପରିଷଦ ପକ୍ଷରୁ ନୟାଗଡ଼ ବେବର୍ତ୍ତାପଲ୍ଲୀ ବହୁମୁଖୀ କଲ୍ୟାଣମଣ୍ଡପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ-୨.୦ର ସାଧାରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସହରରେ ଆଉ ଚାଳଘର କିମ୍ବା କଚ୍ଚା ଘର ରହିବ ନାହିଁ । ଘରବାଡ଼ି ପଟ୍ଟା ନଥିଲେ ବି ସମସ୍ତଙ୍କୁ ପକ୍‌କା ଘରେ ରହିବା ପାଇଁ ସୁବିଧା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ ରହିଛି ବୋଲି ଆୟୋଜିତ କର୍ମଶାଳାରେ କୁହାଯାଇଛି । ଗୃହନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଉଛି । ଯେଉଁମାନଙ୍କର ପଟ୍ଟା ନାହିଁ ଫ୍ଲାଟ୍ ନିର୍ମାଣ କରାଯାଇ ସେମାନଙ୍କ ନାମରେ ରେକର୍ଡ କରାଯିବ । ଏଥିପାଇଁ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଅନ୍‌ଲାଇନ୍‌ରେ ଆବେଦନ କରିବାକୁ କର୍ମଶାଳାରେ ସୂଚନା ଦିଆଯାଇଛି ।

## ସ୍ନାନପୂର୍ଣ୍ଣିମା

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଆସନ୍ତାକାଲି ପୁରୀରେ ଶ୍ରୀଜୀଉମାନେ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ରତ୍ନବେଦୀରୁ ବାହାରି ଆସି ସ୍ନାନବେଦୀରେ ଶ୍ରୀଜୀଉମାନଙ୍କର ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି । ଭୋର ସାଢ଼େ ୪ଟାରେ ମଙ୍ଗଳାର୍ପଣ ପରେ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ଶେଷ ହେବା ପରେ ପହଣ୍ଡି ସକାଳ ୫ଟାରୁ ୭ଟା ମଧ୍ୟରେ ଅନୁଷ୍ଠିତ ହେବ । ସ୍ନାନବେଦୀରେ ଶ୍ରୀଜୀଉମାନେ ସକାଳ ୯ଟା ସୁଦ୍ଧା ପ୍ରବେଶ କରିବେ । ସେହିଭଳି ପୁରୀ ଶ୍ରୀମନ୍ଦିରରେ ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ଅନୁଷ୍ଠିତ ହେଉଛି ।

## ସୁଭଦ୍ରା ଶକ୍ତି ପ୍ରତିଯୋଗିତା

ଲୋପ ପାଇବାକୁ ବସିଥିବା ପାରମ୍ପରିକ ଓଡ଼ିଆ ଖାଦ୍ୟଗୁଡ଼ିକୁ ପୁଣି ଥରେ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଅବସରରେ **ଗଞ୍ଜାମ** ଜିଲ୍ଲାର ଛତ୍ରପୁରସ୍ଥିତ ନୂଆ ବସ୍‌ଷ୍ଟାଣ୍ଡଠାରେ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟମେଳା ଓ ପ୍ରତିଯୋଗିତା ହୋଇଯାଇଛି। ଏଥିରେ କଣମଣା ପଞ୍ଚାୟତର ନିର୍ମଳା ଦେବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଏବଂ ବିପୁଳିଙ୍ଗି ପଂଚାୟତର ମା’ ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅନ୍ୟ ୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଟ୍ରଫି ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିଯୋଗିତାରେ ମୋଟ୍ ୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟ ଭାଗ ନେଇଥିଲେ।

## ବିଶ୍ୱ ଚକ୍ଷୁଦାନ ଦିବସ

ଚକ୍ଷୁଦାନ ପାଇଁ ଉତ୍ସାହିତ ଓ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଚକ୍ଷୁଦାନ ଦିବସ ପାଳନ କରାଯାଉଛି। ଚଳିତବର୍ଷ ଚକ୍ଷୁଦାନ ଦିବସର ବାର୍ତ୍ତା ରହିଛି - ‘ଚକ୍ଷୁର ଭବିଷ୍ୟତ : ବୈଶ୍ୱିକ ସମୃଦ୍ଧି’। ଲୋକଙ୍କ ଜୀବନକୁ ଚକ୍ଷୁଦାନ ଦ୍ୱାରା ଆଲୋକିତ କରିବା ଲାଗି ପ୍ରତିବର୍ଷ ଜୁନ୍ ମାସ ୧୦ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ। ସାମାଜିକ ଓ ଧାର୍ମିକ ପରମ୍ପରା ଏବଂ ଭୟ ଓ ଦ୍ୱନ୍ଦ୍ୱକୁ ଦୂରେଇ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରି ଅନ୍ୟ ଜଣକ ଜୀବନକୁ ଆଲୋକିତ କରିବା ପାଇଁ ସ୍ୱେଚ୍ଛାସେବୀ

ସଂଗଠନ, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଏହି ଦିବସ ପାଳନ ଅବସରରେ ଆଲୋଚନାଚକ୍ର ଓ କର୍ମଶାଳାର ଆୟୋଜନ କରାଯାଉଛି ।

## ଜଗନ୍ନାଥ ଗବେଷଣା କେନ୍ଦ୍ର

ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଅନ୍ତର୍ଜାତୀୟ ସ୍ତରର ବ୍ୟାଖାନ କେନ୍ଦ୍ର ପ୍ରତିଷ୍ଠା ହେବ । ଏଥିରେ ଜଗନ୍ନାଥ ସଂସ୍କୃତିକୁ ନେଇ  ବିଭିନ୍ନ ସାମଗ୍ରୀ ସ୍ଥାନ ପାଇବ ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

## ପାଣିପାଗ

ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*******************************